# Akashvani, Sambalpur

# SAMBALPURI NEWS BULLETIN

## 10 June 2025- 6.47- 6.52 am.

*********************************************

ଇଗ୍ନୁ ଏମ୍‌ଓୟୁ                I&PR

ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ - ଇଗ୍ନୁ ର ସ୍ନାତକ, ସ୍ନାତକୋତର, ଡିପ୍ଲୋମା, ସ୍ନାତକୋତର ଡିପ୍ଲୋମା, ସାର୍ଟିଫିକେଟ୍ , ମେନେଜ୍‌ମେଂଟ୍, ବିବିଏ, ଏମ୍‌ବିଏ ସହେତେ ଭିନ୍ ଭିନ୍ ପାଠ୍ୟକ୍ରମ୍‌କେ ଓଡ଼ିଆ ଭାଷାଥି ପଢ଼ାବାର୍ ଲାଗି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଆଉ ଇଗ୍ନୁ ଭିତ୍‌ରେ ଗଲାକାଏଲ୍ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ରାଜିନାମା ଅନ୍‌ସାରେ ପାଠ୍ୟକ୍ରମ୍ ଲାଗି ୬ ଶହ ୫୦ ନୁ ଅଏତ୍‌କା ବହିର୍ ଅନୁବାଦ୍ କରାଯିବା । ଇଥିର୍‌ଲାଗି ୨ ବଛର୍ ଭିତ୍‌ରେ ରାଜ୍ୟ ସର୍‌କାର୍ ୨ କୋଟି ୪୫ ଲାଖ୍ ଟଙ୍କା ଖର୍ଚ୍ଚା କର୍‌ବେ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ବୁଝାମଣା ସ୍ୱାକ୍ଷର୍ କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି ଇଟା ଗୁଟେ ଐତିହାସିକ୍ ପଦକ୍ଷେପ୍ ବଲି କହିଛନ୍ । ଇତାର୍ ଜରିଏ ସମ୍‌କର୍ ଲାଗି

ଶିକ୍ଷା ଆଉ ସମ୍‌କର୍ ଲାଗି ଉଚ୍ଚଶିକ୍ଷା ସୁନିଶ୍ଚିତ୍ କରାଯାଇପାର୍‌ବା ବଲି ଶ୍ରୀ ସୂରଜ୍ କହିଛନ୍ ।

ପୁରୀ ଶ୍ରୀମନ୍ଦିର୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ରାଜେନ୍ଦ୍ରାଭିଷେକ୍ ନୀତି ଠାନୁ ନୀଳାଦ୍ରୀ ବିଜେତକ୍ ରଥ୍‌ଯାତ୍ରା ନୀତି ଚାଲୁ ରହେବା । ଗଲାକାଏଲ୍ ଦଇତାପତିମାନେ ଶ୍ରୀମନ୍ଦିର୍‌କେ ପ୍ରବେଶ୍ କରିଥିଲା ବେଲ୍‌କେ ଆଏଜ୍ ଜେଠ୍‌ମାସର୍ ଉଜଲ୍ ପଖର୍ ଚତୁର୍ଦ୍ଦଶୀ ତିଥି ଦିନ ସେନାପଟା ନୀତି ହେବା । ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ମାହାପୁରୁମାନ୍‌କୁ ସ୍ନାନ ବେଦୀକେ ପହଣ୍ଡି କର୍‌ବାର୍ ଲାଗି ଇ ସେନାପଟା ନୀତି କରାଯାଏସି । ଇଥିର୍‌ଲାଗି ଗଲାରାତିର୍ ଆଲ୍‌ତୀ ପହଡ଼ ଠାନୁ ଆଏଜ୍ ମଏଧାନର୍ ୨ ବଜେତକ୍ ମାହାପୁରୁମାନ୍‌କର୍ ସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କରୋନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍ ଆଉ ୭ ଝନ୍ କରୋନା ସଂକ୍ରମିତ ଚିହ୍ନଟ୍ ହେଇଛନ୍ । ଇତାର୍‌ସହେତେ ରାଏଜେ କରୋନା ରୋଗୀଙ୍କର୍ ସଂଖ୍ୟା

୫୬ କେ ପୁହୁଁଚିଛେ । ସେନ୍ତା ଗଲାକାଏଲ୍ ୫ ଝନ୍ କରୋନା ରୋଗୀ ସୁସ୍ଥ ହେବାର୍ ସହେତେ ଏବ୍‌ତକ୍ ମୋଟ୍ ୨୦ ଝନ୍ ରୋଗୀ ସୁସ୍ଥ ହେଇଥିବାର୍ ଜନାପଡ଼ିଛେ । ସେଆଡ଼େ ଆଗ୍‌କେ ରଥଯାତ୍ରା ଆସୁଥିବାର୍‌ନୁ କରୋନା ଲକ୍ଷଣ୍ ଥିଲେ ଲୁକେ ରଥଯାତ୍ରା ଭିଡ଼୍ ଭିତର୍‌କେ ନାଇଁ ଯିବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ ।

ଏକ୍ସ୍‌ଜିଓମ୍ - ୪ ମିଶନ୍ ସ୍ଥଗିତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖରାପ୍ ପାଗ୍ ଲାଗି -ଏକ୍ସ୍‌ଜିଓମ୍ - ୪ ମିଶନ୍‌କେ ଦିନ୍‌କର୍ ଲାଗି ସ୍ଥଗିତ୍ ରଖାଯାଇଛେ । ସ୍ପେଶ୍ ଏକ୍ସ ଫାଲ୍‌କନ୍ ନାଇନ୍ ରକେଟ୍ ୪ ଝନ୍ ଗଗନ ଯାତ୍ରୀଙ୍କୁ ନେଇକରି ଆଏଜ୍ ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ର-ଆଇଏସ୍‌ଏସ୍ ଅଭିମୁଖେ ଯାତ୍ରା କର୍‌ବାର୍ ଥିଲା । ମାତର୍‌କ ଆଏବା କାଏଲ୍ ବେଲ୍‌ବୁଡ଼ର୍ ସାଢ଼େ ୫ ବଜେ ମିଶନ୍‌କେ ଲଂଚ୍ କର୍‌ବାର୍ ଲାଗି ସମିଆ ଧାରିଜ୍ କରାଯାଇଛେ ବଲି ଭାରତୀୟ ମହାକାଶ୍ ବିଜ୍ଞାନ୍ ପ୍ରତିଷ୍ଠାନ୍-ଇସ୍ରୋ ମୁଖ୍ୟ ଡକ୍ଟର୍ ଭି. ନାରାୟଣନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ମିଶନ୍ ଏକ୍ସ୍‌ଜିଓମ୍ ଫୋର୍ ହେଉଛେ ଇସ୍ରୋ, ନାସା, ଏକ୍ସ୍‌ଜିଓମ୍ ସ୍ପେଶ୍ ଆଉ ସ୍ପେଶ୍ ଏକ୍ସର ଗୁଟେ ମିଲିତ୍ ଅଭିଯାନ୍ । ଇଥି ଭାରତ୍‌ର ଗ୍ରୁପ୍ କେପ୍‌ଟେନ୍ ଶୁଭ୍ରାଂଶୁ ଶୁକ୍ଲାଙ୍କର୍ ସହେତେ ଭିନ୍ ଭିନ୍ ଦେଶର୍ ୩ ଝନ୍ ଆଇଏସ୍‌ଏସ୍ କେ ଯିବେ ।

ପେକ୍ସ କର୍ମଚାରୀ-କେଡ଼ର୍ ନିୟମ୍   ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ପ୍ରାଥମିକ କୃଷି ସମବାୟ ସମିତି- ପେକ୍ସ କର୍ମଚାରୀମାନ୍‌କର୍ ଲାଗି କେଡ଼ର୍ ନିୟମ୍ ଲାଗୁ କରାଯିବା । ଇ ବାବଦ୍ ପ୍ରସ୍ତାବ୍‌କେ ରାଜ୍ୟ ସର୍କାର୍ ଅନୁମୋଦନ୍ କରିଛନ୍ । ୧୯୬୨ ଓଡ଼ିଶା ସମବାୟ ସମିତି ନୀତି ଲାଗୁ କର୍‌ବାର୍‌କେ ରାଜ୍ୟ ସମବାୟ ବିଭାଗ୍‌ର ସ୍ୱତନ୍ତ୍ର ସଚିବ ପ୍ରତାପ୍ ଚନ୍ଦ୍ର ରାଉତ୍- ସମବାୟ ସମିତିର୍ ନିବନ୍ଧକ୍‌ଙ୍କୁ ଚିଠି ଲେଖିକରି ଉଚିତ୍ ପଦକ୍ଷେପ୍ ନେବାର୍‌କେ ଅନୁରୋଧ୍ କରିଛନ୍ ।

ରାଜ୍ୟ ସର୍କାର୍ ବର୍ଷପୂର୍ତି-ଆଲୋଚନାଚକ୍ର/ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍‌ଙ୍କର୍ ବଛ୍‌ରେ ପୂର୍ତି ଅବ୍‌ସରେ ଆଏଜ୍ ଗୁଟେ ଜାତୀୟ ଆଲୋଚନାଚକ୍ର ଆୟୋଜନ୍ କରାଯାଇଛେ । ସଖାଲର୍ ସାଢ଼େ ୧୦ ବଜେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ଠାନେ ଇ ଆଲୋଚନା ଚକ୍ର ହେବା । ସୁଶାସନ୍ ଆଉ ବିକଶିତ୍ ଓଡ଼ିଶା-୨୦୩୬ ଆଉ ୨୦୪୭ ଶୀର୍ଷକ୍‌ଥି ହେବାର୍‌କେ ଥିବା ଆଲୋଚନାଚକ୍ରଥି ରାଜ୍ୟ ସର୍କାର୍‌ଙ୍କର୍ ବଛର୍‌ପୂର୍ତିର୍ ସହେତେ ଭିନ୍ ଭିନ୍ ଉପଲବ୍ଧି ବାବ୍‌ଦେ ଆଲୋଚନା କରାଯିବା ।

ବିକଶିତ କୃଷି ସଂକଳ୍ପ ଅଭିଯାନ୍ କାର୍ଯ୍ୟକ୍ରମ୍/ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ଭିନ୍ ଭିନ୍ ଜାଗା ନ ଗଲାକାଏଲ୍ ବିକଶିତ କୃଷି ସଂକଳ୍ପ ଅଭିଯାନ୍ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ । ଜିଲ୍ଲାର୍ ଧନ୍କଉଡ଼ା ବ୍ଲକ୍ ବିଶାଲ୍ଖୁଁଡ଼ା ଆର୍ ତାର୍ ଆଖର୍ପାଖର୍ ଗାଁମାନ୍କେ କୃଷି ବୈଜ୍ଞାନିକ୍ ଆର୍ ଅଧିକାରୀମାନେ ଚାଷୀମାନ୍କୁ ଆଧୁନିକ୍ କୃଷି ପଦ୍ଧତି, ମାଟିର୍ ସ୍ୱାସ୍ଥ୍ୟ ପରିଚାଲନା, ରୋଗପୋକ ପରିଚାଲନା ବାଗିର୍ ଭିନ୍ ଭିନ୍ ବିଷେଥି ବୁଝେଇଥିଲେ । ସେନ୍ତା ମାନେଶ୍ୱର୍ ବ୍ଲକର ବଡ଼ମାଲ୍, ମୁରା, ବର୍ଗାଁ ନ ଭିଲ୍ କୃଷି ଅଧିକାରୀମାନେ ଚାଷୀମାନ୍କୁ ଇ ବାବ୍ଦେ ବୁଝେଇଥିଲେ ।

ସୁଭଦ୍ରା ଶକ୍ତି ପାରମ୍ପରିକ୍ ଖାଦ୍ୟ ପ୍ରତିଯୋଗିତା

ନୂଆପଡ଼ା/ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ବାମ୍ରା ଠାନେ ବ୍ଲକ୍ସ୍ତରୀୟ ସୁଭଦ୍ରା ଶକ୍ତି "ପାରମ୍ପାରିକ୍ ଖାଦ୍ୟ ପ୍ରସ୍ତୁତି ମେଳା" କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ବ୍ଲକ୍ର ଭିନ୍ ଭିନ୍ ପଂଚାୟତ୍ନୁ ୨୧ ଟା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ୍ ଦେଇକରି ବହୁତ୍ଟେ ପାରମ୍ପରିକ୍ ଖାଦ୍ୟ ତିଆର୍

କରିଥିଲେ । ଇ ଅବ୍‌ସରେ ପାରମ୍ପରିକ୍ ଖାଦ୍ୟଶସ୍ୟ ଆର୍ ତାର୍ ଲାଭ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା ।

ସେନ୍ତା ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମିଶନ୍ ଶକ୍ତି ଭବନ୍ ଠାନେ ସୁଭଦ୍ରା ଶକ୍ତି ପାରମ୍ପରିକ୍ ଖାଦ୍ୟ ପ୍ରତିଯୋଗିତା ହେଇଯାଇଛେ । ପ୍ରତିଯୋଗିତାଥି ବ୍ଲକ୍‌ର ମହିଳା ଏସ୍‌ଏଚ୍‌ଜିମାନେ ପାରମ୍ପରିକ୍ ପିଠାପନା ବନେଇକରି ଇଥି ଭାଗ୍ ନେଇଥିଲେ । ଇ ଅବ୍‌ସରେ ମଡ଼ିଆ, କୁଦୋ ଚାଉଲ୍‌ର ଔଷଧୀୟ ଗୁଣ ଆର୍ ତାର୍ ଖାଦ୍ୟ ପ୍ରସ୍ତୁତି ବାବ୍‌ଦେ ସୂଚ୍‌ନା ଦିଆଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ଆଉ ତାର୍ ପାଖର୍ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟ ଆଗ୍‌କେ ଲଘୁଚାପ୍‌ଥି ବଦ୍‌ଲିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିତ୍‌ରିଆ ଜିଲ୍ଲାମାନ୍‌କେ ଘଡ୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ମାତରକ ସମୁଦ୍ରଖଁଡ଼ି ଇଲାକାମାନ୍‌କେ ଖରା, ଗରମ୍ ଜାରି ରହେବା । ଇ ସମିଆଥି ଧୁକାଗର୍ଡ଼ି ସହେତେ ବର୍ଷା ହେବା ବଲି ୪

ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।